# ରାଉରକେଲା ମହାନଗର ନିଗମ, ରାଉରକେଲା

**ସଂଖ୍ୟା ନଂ**---2005---**ତା**---15.3.18---

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି କି ରାଉରକେଲା ମହାନଗର ନିଗମ ଅଧିନରେ ଥିବା ନିମ୍ନଲିଖିତ ସଇରତ ଗୁଡ଼ିକ ତା ୧.୦୪.୨୦୧୮ ରିଖରୁ ତା ୩୧.୦୩.୨୦୧୯ ରିଖ ପର୍ଯ୍ୟନ୍ତ ୧ ବର୍ଷ ପାଇଁ ଜଉମୁଦ ନିଲାମ ଡ଼ାକ ଦ୍ୱାରା ଆବଂଟନ କରାଯିବ। ଆଗ୍ରହୀ ବ୍ୟକ୍ତି/ ଅନୁଷ୍ଠାନ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପସ୍ଥିତ ରହି ଜଉମୁଦ ନିଲାମ ଟେଣ୍ଡର ରେ ଅଂଶ ଗ୍ରହଣ କରିପାରିବେ। ବିଭିନ୍ନ ସଇରତ ଗୁଡ଼ିକର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ତଥା ନିଲାମର ସର୍ତ୍ତାବଳୀ ନିମ୍ନ ମତେ ଦିଆଗଲା।

| କ୍ର :ନଂ | ସଇରତର ନାମ | ନିର୍ଦ୍ଧାରିତ ମୂଲ୍ୟ | ଅମାନତ ରାଶି | ତାରିଖ, ସମୟ ଓ ସ୍ଥାନ |
|---|---|---|---|---|
| ୧. | ଟ୍ରାଫିକ୍‌ଗେଟ୍ ପରିବା ମାର୍କେଟ, ରାଉରକେଲା | ୯,୮୮,୨୩୬.୦୦ | ୯୮,୮୨୪.୦୦ | ତା ୨୩.୦୩.୨୦୧୮<br>ସ୍ଥାନ- ରାଉରକେଲା ମହାନଗର ନିଗମ ସଭାଗୃହ<br>ଟେଣ୍ଡର ପକାଇବା ସମୟ- ଅପରାହ୍ନ ୧.୦୦ ଘଟିକା<br>ଟେଣ୍ଡର ଖୋଲିବା ସମୟ- ଅପରାହ୍ନ ୪.୦୦ ଘଟିକା |
| ୨. | ପାନପୋଷ ଡ଼େଲି ପରିବା ମାର୍କେଟ, ରାଉରକେଲା | ୨,୪୩,୨୧୦.୦୦ | ୨୪,୩୨୧.୦୦ | |
| ୩. | ଛେଣ୍ଡ ସାପ୍ତାହିକ (ଶୁକ୍ରବାର) ବଜାର | ୨୨୦୦୦୦.୦୦ | ୨୨୦୦୦.୦୦ | |
| ୪. | ପାର୍କିଂ ସ୍ପେସ୍ ଅମର ଭବନ | ୨୪୨୧୩୬.୦୦ | ୨୪୨୧୪.୦୦ | |
| ୫. | ପାର୍କିଂ ସ୍ପେସ୍ ପୁରୁଣା ଟ୍ରାକ୍ସି ଷ୍ଟାଣ୍ଡ | ୧୦୫୬୦୦.୦୦ | ୧୦୫୬୦.୦୦ | |

**ସର୍ତ୍ତାବଳୀ:-**

୧) ପୂର୍ବ ବର୍ଷରୁ ବକେୟା ଦେୟଥିବା ବ୍ୟକ୍ତି /ଅନୁଷ୍ଠାନ ଉକ୍ତ ନିଲାମରେ ଭାଗ ନେଇ ପାରିବେ ନାହିଁ।

୨) ନିଲାମରେ ଭାଗନେବା ପାଇଁ ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ ନିର୍ଦ୍ଧାରିତ ତାରିଖ ସ୍ଥାନ ଓ ସମୟରେ ଉପସ୍ଥିତ ରହି ନିର୍ଦ୍ଧାରୀତ ଆବେଦନ (ଟ.୫୦୦.୦୦ ମୂଲ୍ୟ) ସମ୍ପୃକ୍ତ ସଇରତର ଡ଼ାକ ମୂଲ୍ୟ ପୂରଣ କରି ନିଲାମ ଡ଼ାକରେ ଅଂଶ ଗ୍ରହଣ କରିପାରିବେ। ନିଲାମ ଡ଼ାକ, ଦାଖଲକାରୀ ନିର୍ଦ୍ଧାରିତ ସଇରତର ଅମାନତ ରଶି ମହାନଗର ନିଗମ ପାଣ୍ଠିରେ ଜମା କରି ରସିଦ ହାସଲ କରିବେ, ଅନ୍ୟଥା ନିଲାମ ଡ଼ାକରେ ଅଂଶ ଗ୍ରହଣ କରିପାରିବେ ନାହିଁ ଏବଂ ତାଙ୍କର ଡ଼ାକ ମୂଲ୍ୟକୁ ଅସିଦ୍ଧ ଘୋଷଣା କରାଯିବ।

୩. ଯାହାଙ୍କ ସପକ୍ଷରେ ସର୍ବୋଚ ଡ଼ାକ ନିଲାମ ସିଦ୍ଧ ହେବ ସେ ଉକ୍ତ ନିଲାମ ଡ଼ାକରେ ଅର୍ଦ୍ଧେକ ରାଶି ଏକ କାଳୀନ ଦାଖଲ କରିବେ ନଚେତ୍ ତାଙ୍କର ଅମାନତ ଟଙ୍କା ବ୍ୟାଜାପ୍ତି କରାଯାଇ ପରବର୍ତ୍ତୀ ସର୍ବୋଚ ନିଲାମ ଦର ଦାଖଲକାରୀ ବ୍ୟକ୍ତିଙ୍କୁ ସଇରତ ଆବଂଟନ କରାଯିବ, ନଚେତ୍ ଉକ୍ତ ସଇରତର ପୂନର୍ବାର ନିଲାମ ଡ଼ାକ କରାଯିବ।

୪) ନିମ୍ନ ସାକ୍ଷରକାରୀ ଯେ କୌଣସି ନିଲାମ ଡ଼ାକ ଓ ଆବଂଟନ ବାବଦରେ ଚୂଡ଼ାନ୍ତ ନିଷ୍ପତି ଗ୍ରହଣ କରିପାରିବେ।

୫) ନିଲାମ ସଂକ୍ରାନ୍ତୀୟ ସବିଶେଷ ବିବରଣୀ କାର୍ଯ୍ୟାଳୟରେ ମିଳି ପାରିବ।

୬) ପାନପୋଷ ଡ଼େଲି ପରିବା ମାର୍କେଟ, ତ୍ରୟ ମାସିକ ନବୀକରଣ ସୂତ୍ରରେ ଆବଂଟନ କରାଯିବ। ୧୫ ଦିନ ପୂର୍ବ ନୋଟିସ୍‌ରେ ଆବଂଟନ ଲାଇସେନ୍ସ ରଦ୍ଦ କରାଯିବ।

ମ୍ୟୁନିସିପାଲ୍ କମିଶସନର
ରାଉରକେଲା ମହାନଗର ନିଗମ

**ଜ୍ଞାପକ ସଂଖ୍ୟା**---2006---**ତା**---15.3.2018---

ଏହି ବିଜ୍ଞପ୍ତିର ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ ଏବଂ ସହରର ପ୍ରମୁଖ ସ୍ଥାନ ମାନଙ୍କରେ ପ୍ରକାଶନ କରଗଲା।
ଏହାର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା/ ସମ୍ପାଦକ, ରାଉରକେଲା ଉନ୍ନୟନ ସଂସ୍ଥା/ ଉପ ଜିଲ୍ଲାପାଳ, ପାନପୋଷ ଙ୍କ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ଜଣାଇ ଦିଆଗଲା।
ଏହାର ଏକକିତା ନକଲ ସମ୍ପାଦକ, ସମାଜ,/ପ୍ରମେୟ ପତ୍ରରେ ସଳ୍ପ ମୂଲ୍ୟରେ ଏକଦିନ ପ୍ରକାଶନ ପାଇଁ ଅନୁରୋଧ କରାଗଲା।
ଏହାର ଏକକିତା ନକଲ MIS Programmer , www.rmc.nic.in **ରେ ପ୍ରକାଶନ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଗଲା।**

ମ୍ୟୁନିସିପାଲ୍ କମିଶସନର
ରାଉରକେଲା ମହାନଗର ନିଗମ